## ସଂକ୍ଷେପରେ

### ଦୋଳଯାତ୍ରା, ଅଗ୍ନି ଉତ୍ସବ

ଛେଣ୍ଡିପଦା, ୨୦।୩ (ଡି.ଏନ.ଏ.): ଛେଣ୍ଡିପଦା ବ୍ଲକ ଜରପଡା, ଓଗୀ ଓ ଦୁର୍ଗାପୁର ଗ୍ରାମରେ ବୁଧବାର ଅଗ୍ନି ଉତ୍ସବ ସହ ଦୋଳଯାତ୍ରା ପାଳିତ ହୋଇଯାଇଛି। ଏହି ଅବସରରେ ରାଧାକୃଷ୍ଣଙ୍କ ଚଳନ୍ତି ପ୍ରତିମାକୁ ବିମାନରେ ଗ୍ରାମ ଏବଂ ନଗର ପରିକ୍ରମା କରାଯାଇ ଯାତ୍ରା ପଡିଆକୁ ଅଣାଯାଇଥିଲା। ସେଠାରେ ହୋମଯଜ୍ଞ, ସଂକୀର୍ତ୍ତନ, ମେଳଣ ଉତ୍ସବ ଓ ଅଗ୍ନି ଉତ୍ସବ ଅନୁଷ୍ଠିତ ହୋଇଥିଲା। ସେହିପରି ରାତିରେ ଦଣ୍ଡନୃତ୍ୟ ସାଙ୍ଗକୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଯାତ୍ରା ପରିଚାଳନା କମିଟି ତଥା ଗ୍ରାମ ପରିଚାଳନା କମିଟି ସହ ଗ୍ରାମବାସୀ ସହଯୋଗ କରିଥିଲେ।

### ମହିଳାଙ୍କ ଆତ୍ମହତ୍ୟା

ଆଠମଲ୍ଲିକ, ୨୦।୩(ଡି.ଏନ.ଏ.): ଆଠମଲ୍ଲିକ ଥାନା ଅନ୍ତର୍ଗତ ପତକା ଗ୍ରାମର ଅଶୋକ ନାୟକଙ୍କ ସ୍ତ୍ରୀ ରିନି ନାୟକ ବୁଧବାର ଆତ୍ମହତ୍ୟା କରିଥିବା ଥାନାରେ ଏତଲା ହୋଇଛି। ରିନିଙ୍କ ଶ୍ୱଶୁର ପ୍ରଭାତ ନାୟକ ସନ୍ଧ୍ୟାରେ ଏହି ଘଟଣା ଥାନାରେ ଜଣାଇବା ପରେ ଆଠମଲ୍ଲିକ ପୋଲିସ ତଦନ୍ତ ଚଳାଇଛି। ସୂଚନା ମୁତାବକ, ଅଶୋକ ହଣ୍ଡପା ଥାନା ବିଲେଇନାଳୀ ଗ୍ରାମରେ ବିବାହ କରିଥିବାବେଳେ ତାଙ୍କର ୩ ବର୍ଷର ଝିଅ ଅଛନ୍ତି। ସେ ଗତ ୮/୧୦ ଦିନ ତଳେ ତାଙ୍କ ଶାଳୀଙ୍କୁ ନେଇ କେଉଁଆଡେ ଚାଲିଯାଇଛନ୍ତି। ଏହି କାରଣରୁ ରିନି ଆତ୍ମହତ୍ୟା କରିଥାଇପାରନ୍ତି ବୋଲି ପୋଲିସ କହିଛି। ଗୁରୁବାର ମୃତଦେହ ବ୍ୟବଚ୍ଛେଦ କରାଯିବ।

### ଜ୍ୟୋତିର୍ବିଦ୍‌ଙ୍କ ପରଲୋକ

କଣିହାଁ, ୨୦।୩(ଡି.ଏନ.ଏ.): କଣିହାଁ ବ୍ଲକ ଅଞ୍ଚଳର ଜଣାଶୁଣା ଜ୍ୟୋତିର୍ବିଦ କଂସମୁଣ୍ଡା ଗ୍ରାମର ଦ୍ରୋଣାଚାର୍ଯ୍ୟ ବେହେରା(୮୦)ଙ୍କ ବୁଧବାର ପରଲୋକ ଘଟିଛି। ସେ ଜଣେ ଶିକ୍ଷାବିତ୍, ପାଲାଗାୟକ ଭାବେ ମଧ ପରିଚିତ ଥିଲେ। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଶିକ୍ଷାବିତ୍ ସିଦ୍ଧି ପ୍ରସାଦ ସାହୁ, ବିନାୟକ ପ୍ରଧାନ, ସାମାଜିକକର୍ମୀ ମହେନ୍ଦ୍ର ପ୍ରଧାନ, ଇଂ ଧନେଶ୍ୱର ସାହୁଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବିୟୋଗରେ ଶୋକ ପ୍ରକାଶ କରିଛନ୍ତି। ମରଶରୀରକୁ ଶୋଭାଯାତ୍ରାରେ ନିଆଯାଇ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ କରାଯାଇଥିଲା।

### ବିଭିନ୍ନ ପଞ୍ଚାୟତରେ ବିଜେଡିର ବାଇକ ରାଲି

କଣିହାଁ, ୨୦।୩ (ଡି.ଏନ୍.ଏ): ଅନୁଗୋଳ ଜିଲା ପାଲଲହଡ଼ା ନିର୍ବାଚନ ମଣ୍ଡଳୀର କଣିହାଁ ବ୍ଲକ ଅଞ୍ଚଳରେ ବରିଷ୍ଠ ବିଜେଡି ନେତା ଜଗମୋହନ ପ୍ରଧାନଙ୍କ ନେତୃତ୍ୱରେ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଙ୍କ ନେତୃତ୍ୱରେ ଏକ ବାଇକ ରାଲି କୁଲୁମା କୁକୁଟେଶ୍ୱର ମନ୍ଦିର ଠାରୁ ବାହାରି ଓଲନ୍ଦା, ରେଙ୍ଗାଳି, ଦେନାଳୀ, ବଜ୍ରକୋଟ, ବଉଦବେଢ଼ା, ବ୍ରାହ୍ମଣଦେଇ, ହନୁମାନପୁର, ଝରାବେରେଣୀ, କଣିହାଁ, ସମଲ, ବିଲିଣ୍ଡା, କୁଲେଇ, ବାରୁଆଁ, ଗହମ ପ୍ରଭୃତି ଗ୍ରାମ ପରିକ୍ରମା କରିଥିଲା। ଏହି ଅବସରରେ ବିଭିନ୍ନ ପଞ୍ଚାୟତରେ ଅନୁଷ୍ଠିତ ପଥପ୍ରାନ୍ତ ସଭାରେ ପ୍ରଧାନ ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ କାର୍ଯ୍ୟକ୍ରମ ସମ୍ପର୍କରେ ବକ୍ତବ୍ୟ ରଖିବା ସହ ରାଜ୍ୟ ପ୍ରତି କେନ୍ଦ୍ର ଅବହେଳା କରୁଥିବା ଅଭିଯୋଗ କରିଥିଲେ।

### ଭାଜପାର ବୁଥ୍‌ସ୍ତରୀୟ ବୈଠକ

କଣିହାଁ, ୨୦।୩(ଡି.ଏନ.ଏ.): ତାଳଚେର ବିଧାନସଭା କ୍ଷେତ୍ର କଣିହାଁ ବ୍ଲକର ଗଦାଶିଳା ପଞ୍ଚାୟତରେ ଭାଜପା ତରଫରୁ ବୁଧବାର ବୁଥ୍‌ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। କରଡେଇ ନଦୀଘାଟରେ ଆୟୋଜିତ ଏହି ବୈଠକରେ ଭାଜପା ରାଜ୍ୟ ସମ୍ପାଦକ କାଳନ୍ଦୀ ସାମଲ ଯୋଗଦେଇ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଥିଲେ। ଅଞ୍ଚଳବାସୀ ପ୍ରଦୂଷଣ, ପାନୀୟଜଳ ଆଦି ସମସ୍ୟାରେ ରହିଥିବାବେଳେ ସେମାନଙ୍କ ପାଇଁ ରାଜ୍ୟ ସରକାର କିଛି ପଦକ୍ଷେପ ନେଉ ନ ଥିବା ଓ କେନ୍ଦ୍ର ସରକାରଙ୍କ ଜନହିତକର ଯୋଜନାକୁ ରାଜ୍ୟରେ କାର୍ଯ୍ୟକାରୀ କରୁ ନ ଥିବା ସାମଲ କହିଥିଲେ। ଏହି ଅବସରରେ ବିଜିଗୋଳ ପଞ୍ଚାୟତ ଏନ୍‌ଟିପିସି ଛକ ଓ କଣିହାଁ ପଞ୍ଚାୟତରେ ଭାଜପାର ବିଜୟ ସଂକଳ୍ପ ସମାବେଶ ଅନୁଷ୍ଠିତ ହୋଇଥିଲା। ଲୋକନାଥ ସାହୁ, ସୁଶାନ୍ତ ସାମଲ, ଜିଲା ପରିଷଦ ସଦସ୍ୟା ଅଳକା ସାହୁ, ସମିତି ସଭ୍ୟ ଦେବେନ୍ଦ୍ର ବାରିକ, ସନ୍ତୋଷ ବିଶ୍ୱାଳ, ରଞ୍ଜନ ଦାସ, ସୁଧୀର ପ୍ରଧାନ, ବାପୁଜୀ ପ୍ରଧାନ, ରାକେଶ ନାଏକ ପ୍ରମୁଖ ସହଯୋଗ କରିଥିଲେ।

■ଟିକେଟ ନ ମିଳୁଣୁ ପାଲଲହଡ଼ା ବିଜେଡିରେ କନ୍ଦଳ

# ସ୍ଥାନୀୟ ଆଶାୟୀଙ୍କୁ ପ୍ରାର୍ଥୀ କରିବାକୁ ଦାବି

ପାଲଲହଡ଼ା, ୨୦।୩(ଡି.ଏନ.ଏ.)

■ରାଜ୍ୟ ସଭାପତିଙ୍କୁ ଲେଖାଗଲା ଚିଠି
■ଅଣଦେଖା କଲେ ୨୩ରେ ଅନଶନ
■ବିଧାୟକଙ୍କୁ ଦୁଇ ବ୍ଲକ ସଭାପତିଙ୍କ ବିରୋଧ

ଅନୁଗୋଳ ଜିଲା ପାଲଲହଡ଼ା ବ୍ଲକର ୨୭ ଓ କଣିହାଁ ବ୍ଲକର ୧୯ଟି ପଞ୍ଚାୟତକୁ ନେଇ ଗଠିତ ପାଲଲହଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀରୁ ଏ ଯାଏ ନିର୍ବାଚିତ ୧୧ ଜଣ ବିଧାୟକଙ୍କ ମଧ୍ୟରୁ ମାତ୍ର ଜଣେ ହେଉଛନ୍ତି ସ୍ଥାନୀୟ ନେତା। ତେଣୁ ଚଳିତ ନିର୍ବାଚନରେ ପାଲଲହଡ଼ା ବ୍ଲକରୁ ଜଣେ ଆଶାୟୀଙ୍କୁ ପ୍ରାର୍ଥୀ କରା ନ ଗଲେ ଅନଶନ କରାଯିବ ବୋଲି ରାଜ୍ୟ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖିଛନ୍ତି ସ୍ଥାନୀୟ ଅଞ୍ଚଳର ବରିଷ୍ଠ ନେତା ସନ୍ତୋଷ କୁମାର ଦେହୁରୀ।

ମଙ୍ଗଳବାର ଏଠାରେ ଆୟୋଜିତ ଏକ ଖବରାଦାତା ସମ୍ମିଳନୀରେ ସନ୍ତୋଷ କହିଛନ୍ତି, ୧୯୫୭ରେ ସ୍ଥାନୀୟ ଅଞ୍ଚଳର ଜଣେ ନେତାଙ୍କୁ ଛାଡ଼ିଦେଲେ ବାକି ୧୦ଜଣ ବିଧାୟକ ବ୍ଲକ ବାହାର ଅଞ୍ଚଳର। ଆଞ୍ଚଳିକ ଦଳ ହୁଅନ୍ତୁ ଅବା ଜାତୀୟ ଦଳ, ପାଲଲହଡ଼ା ଆସନକୁ ବିଭିନ୍ନ ନେତାଙ୍କ ଥଇଥାନ ପାଇଁ ବ୍ୟବହାର କରାଯାଇଛି। ଫଳରେ ଏଠାରେ ଯେତିକି ବିକାଶ ହେବା କଥା ତାହା ହୋଇପାରୁ ନ ଥିବା ସେ ଅଭିଯୋଗ କରିଛନ୍ତି। ତେଣୁ ଚଳିତ ନିର୍ବାଚନରେ ପାଲଲହଡ଼ାବାସୀଙ୍କ ମନ ପସନ୍ଦର ସ୍ଥାନୀୟ ଆଶାୟୀଙ୍କୁ ଟିକେଟ ପ୍ରଦାନ କରିବାକୁ ସେ ଦାବି କରିଛନ୍ତି। ନଚେତ ଆସନ୍ତା ୨୩ ତାରିଖରେ ନୂଆ ବସ୍‌ଷ୍ଟାଣ୍ଡସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ସ୍ଥଳରେ ପ୍ରତିକାତ୍ମକ ଧାରଣା ଦିଆଯିବ ବୋଲି ଚିଠିରେ ସେ ଉଲ୍ଲେଖ କରିଛନ୍ତି। ଅନ୍ୟପକ୍ଷରେ ସ୍ଥାନୀୟ ଆଶାୟୀଙ୍କୁ ପ୍ରାର୍ଥୀ କରିବାକୁ ପାଲଲହଡ଼ା ବ୍ଲକ ବିଜେଡି ସଭାପତି ଲଳିତ ମୋହନ ପ୍ରଧାନ ଓ କଣିହାଁ ବ୍ଲକ ବିଜେଡି ସଭାପତି କୈଳାସ ଚନ୍ଦ୍ର ସାହୁ ମଧ ଦାବି କରିଛନ୍ତି। ଏ ସମ୍ପର୍କରେ ରାଜ୍ୟ ସଭାପତିଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଦୁଇ ବ୍ଲକ ସଭାପତି ସମର୍ଥକଙ୍କ ସହ ନବୀନ ନିବାସ ଯାଇଥିବା ପ୍ରକାଶ କରିଛନ୍ତି। କୈଳାସ କହିଛନ୍ତି, ଆମର ପ୍ରଥମ ଦାବି ପାଲଲହଡ଼ା ବ୍ଲକରୁ ଏଥର ଜଣେ ଆଶାୟୀଙ୍କୁ ସୁଯୋଗ ଦିଆଯାଉ ଏବଂ ବିଧାୟକ ମହେଶ ସାହୁଙ୍କ ଟିକେଟ କଟାଯାଉ। ବିଧାୟକ ବିଜେଡି ଦଳ କର୍ମୀଙ୍କୁ ହତାଦର କରି କିଛି ଭାଜପା କର୍ମୀଙ୍କ କଥାରେ ଚାଲୁଛନ୍ତି। ଏଥିଯୋଗୁ ଗତ ପଞ୍ଚାୟତ ନିର୍ବାଚନରେ ୫ଟି ଜିଲା ପରିଷଦ ଜୋନରୁ ଦଳ ୪ଟି ଆସନ ହରାଇଥିଲା। ବିଧାୟକଙ୍କୁ ପୁଣି ଟିକେଟ ମିଳିଲେ ପାଲଲହଡ଼ା ସିଟ୍ ଦଳ ହାତରୁ ଖସିଯିବ ବୋଲି ସେ କହିଛନ୍ତି। ଲଳିତ କହିଛନ୍ତି, ବିଧାୟକ ବିଜେଡି ଦଳର ଅନୁଶାସନକୁ ନ ମାନି ନିଜ ପ୍ରଚାରରେ ମାତିଛନ୍ତି। ପରିଣାମ ସ୍ୱରୂପ ତାଙ୍କ ପଛରେ କେହି ବିଜେଡି କର୍ମୀ ନାହାନ୍ତି। ବିଜେଡି ଧୀରେ ଧୀରେ ଏଠାରେ ଦୁର୍ବଳ ହେଉଛି। ତାଙ୍କୁ ଟିକେଟ ମିଳିଲେ ଦଳର କ୍ଷତି ହେବା ନିଶ୍ଚିତ। ତେଣୁ ଏଠାରୁ ସ୍ଥାନୀୟ ଆଶାୟୀଙ୍କୁ ଟିକେଟ୍ ଦିଆଯିବାକୁ ରାଜ୍ୟ ସଭାପତିଙ୍କୁ ନିବେଦନ କରିଛୁ।

ଏ ସମ୍ପର୍କରେ ବିଧାୟକ ମହେଶ ସାହୁ କହିଛନ୍ତି, ସେମାନେ ନବୀନ ନିବାସ ଦେଖିଛନ୍ତି ନା ପୋଷ୍ଟାଲରେ ଚିଠି ପଠାଇଛନ୍ତି। ଦଳର ସଭାପତି ଯାହା ନିଷ୍ପତ୍ତି ନେବେ ତାହାକୁ ମାନିବି। ଆଜି ଯେଉଁମାନେ ସ୍ୱାଭିମାନ ଏବଂ ସ୍ଥାନୀୟ ପ୍ରାର୍ଥୀ କଥା କହୁଛନ୍ତି ସେମାନଙ୍କ ଘର କେଉଁଠି ପ୍ରଥମେ ଜାଣିବା ଦରକାର। ସେମାନେ ସମ୍ବିଧାନ ପଢିନାହାନ୍ତି। ସେଥିପାଇଁ ଅବାନ୍ତର କଥା କହୁଛନ୍ତି। ଜଣେ ଯେ କୌଣସି ନିର୍ବାଚନମଣ୍ଡଳୀରେ ପ୍ରାର୍ଥୀ ହୋଇପାରିବ। ପାଲଲହଡ଼ାବାସୀଙ୍କ ନିକଟରେ କାମ କରିଛି। ଆଗାମୀ ସବୁ ନିଷ୍ପତ୍ତି ମୋ ନେତା ନବୀନ ପଟ୍ଟନାୟକଙ୍କର ବୋଲି ବିଧାୟକ ସାହୁ ପ୍ରକାଶ କରିଛନ୍ତି।

## ପୁରୁଣାଗଡ଼ ସ୍ୱାସ୍ଥ୍ୟକେନ୍ଦ୍ରକୁ କାୟାକଳ୍ପ ପୁରସ୍କାର



ଜିଲାପାଳ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର କର୍ମଚାରୀଙ୍କୁ ପୁରସ୍କାର ପ୍ରଦାନ କରୁଛନ୍ତି।

ଅନୁଗୋଳ ଅଫିସ, ୨୦।୩

ସ୍ୱାସ୍ଥ୍ୟ ରକ୍ଷା, ସଂକ୍ରମଣ ନିୟନ୍ତ୍ରଣ ଓ ପରିମଳ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଅନୁଗୋଳ ଜିଲାର ପୁରୁଣାଗଡ଼ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ୨୦୧୮-୧୯ ବର୍ଷ ପାଇଁ କାୟାକଳ୍ପ ପୁରସ୍କାର ପ୍ରଦାନ କରାଯାଇଛି। ଜାତୀୟ ସ୍ୱାସ୍ଥ୍ୟ ମିଶନର ନିଷ୍ପତ୍ତି କ୍ରମେ ବୁଧବାର ଜିଲା ମୁଖ୍ୟ ଚିକିତ୍ସାଳୟ ପ୍ରଶିକ୍ଷଣ ଗୃହରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲାପାଳ ମନୋଜ କୁମାର ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ପୁରସ୍କାର ବାବଦ ୨ ଲକ୍ଷ ଟଙ୍କାର ଚେକ୍ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଓ କର୍ମଚାରୀଙ୍କୁ ପ୍ରଦାନ କରିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ର ଦାୟିତ୍ୱରେ ଥିବା ଆୟୁଷ ଡାକ୍ତରଙ୍କ ଉତ୍ସର୍ଗୀକୃତ ସେବାକୁ ଜିଲାପାଳ ପ୍ରଂଶସା କରିବା ସହ ଏହା ଅନ୍ୟମାନଙ୍କୁ ପ୍ରେରଣା ଯୋଗାଇବ ବୋଲି ମତବ୍ୟକ୍ତ କରିଥିଲେ। ସେହିଭଳି ଗ୍ରାମାଞ୍ଚଳରେ ଆଶାକର୍ମୀମାନଙ୍କ କାର୍ଯ୍ୟ ପ୍ରଶଂସନୀୟ ବୋଲି ଜିଲାପାଳ କହିଥିଲେ। ପ୍ରାରମ୍ଭରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଅମରେନ୍ଦ୍ରନାଥ ମହାନ୍ତି ପୁରୁଣାଗଡ଼ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଓ କର୍ମଚାରୀମାନଙ୍କ ଅବଦାନକୁ ପ୍ରଶଂସା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଡିଏମ୍‌ଓ (ଜନସ୍ୱାସ୍ଥ୍ୟ) ଡାକ୍ତର ରାକେଶ କୁମାର ସାହୁ, ଏଡିଏମ୍‌ଓ (ମେଡିକାଲ) ଡାକ୍ତର ଲକ୍ଷ୍ମୀନାରାୟଣ ବିଶୋଇଙ୍କ ସମେତ ଜିଲା ମୁଖ୍ୟ ଚିକିତ୍ସାଳୟର ବିଭିନ୍ନ ବିଭାଗର କର୍ମକର୍ତ୍ତା, ସ୍ୱାସ୍ଥ୍ୟକର୍ମୀ ଓ ଆଶାକର୍ମୀମାନେ ଯୋଗଦେଇଥିଲେ। ଏହି ଅବସରରେ ୩ ଜଣ ଆଶାକର୍ମୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଡ. ସତ୍ୟନାରାୟଣ ସିଂସାମନ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସ୍ୱୟଂ ସହାୟିକା ସଭାନେତ୍ରୀଙ୍କଠାରୁ ଟଙ୍କା ଲୁଟ୍

ବଇଣ୍ଡା, ୨୦।୩(ଡି.ଏନ.ଏ.)

ଅନୁଗୋଳ ଜିଲା ହଣ୍ଡପା ଥାନା ବଇଣ୍ଡା ଚନ୍ଦନ ପୋଖରୀ ନିକଟରେ ଥିବା ସାହୁ ଲେଡିଜ କର୍ନରଠାରୁ ଆନନ୍ଦମୁଣ୍ଡା ଗ୍ରାମ ମା' ମହାଲକ୍ଷ୍ମୀ ସ୍ୱୟଂ ସହାୟିକା ଗୋଷ୍ଠୀର ସଭାନେତ୍ରୀ ଲକିନ ସାହୁ(୨୪)ଙ୍କଠାରୁ ୧ ଲକ୍ଷ ୬୫ ହଜାର ଟଙ୍କା ଲୁଟ୍ ହୋଇଛି। ଏ ନେଇ ସେ ବଇଣ୍ଡା ଫାଣ୍ଡିରେ ଅଭିଯୋଗ କରିଛନ୍ତି। ଘଟଣାରୁ ଜଣାପଡିଛି, ଉକ୍ତ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ଆନନ୍ଦମୁଣ୍ଡା ଅଞ୍ଚଳରେ ସ୍ୱଚ୍ଛ ଭାରତ ଯୋଜନାରେ ପାଇଖାନା ନିର୍ମାଣ କରିଛନ୍ତି। ଲକିନ ବୁଧବାର ପୂର୍ବାହ୍ନ ସାଢେ ୧୧ଟାରେ ବଇଣ୍ଡାସ୍ଥିତ ଭାରତୀୟ ଷ୍ଟେଟ ବ୍ୟାଙ୍କରୁ ପାଇଖାନା ନିର୍ମାଣ ବାବଦରେ ଆସିଥିବା ୧ ଲକ୍ଷ ୬୪ ହଜାର ୭୫୦ ଟଙ୍କା ଉଠାଇଥିଲେ। ଏକ ବ୍ୟାଗରେ ଟଙ୍କା ଧରି ଲକିନ ଓ ଗୋଷ୍ଠୀ ସମ୍ପାଦକ ଜଲି ବେହେରା(୨୦) ଆନନ୍ଦମୁଣ୍ଡା ଅଭିମୁଖେ ଚାଲିଚାଲି ଯାଇ ଉକ୍ତ ଲେଡିଜ କର୍ନରରୁ ଉଭୟେ ଚୁଡି କିଣୁଥିବାବେଳେ ପୂର୍ବରୁ ଏକ ବାଇକ୍‌ରେ ସେମାନଙ୍କ ପିଛା କରୁଥିବା ୨ ଜଣ ଦୁର୍ବୃତ୍ତ ଲକିନଙ୍କଠାରୁ ଟଙ୍କା ବ୍ୟାଗଟି ଛଡାଇନେଇ ପଳାଇଥିଲେ। ଅଭିଯୋଗ ପାଇ ପୋଲିସ ପହଞ୍ଚି ତଦନ୍ତ ଚଳାଇଛି। ସେହିପରି ସୋମବାର ରାତିରେ ବଇଣ୍ଡା ଶିକ୍ଷକପଡା ଅଞ୍ଚଳରେ କୀର୍ତ୍ତନ ବିହାରୀ ପ୍ରଧାନଙ୍କ ଘରୁ ଲକ୍ଷାଧିକ ଟଙ୍କାର ଅଳଙ୍କାର ଚୋରି ହୋଇଥିବା ଅଭିଯୋଗ ହୋଇଛି। ଅଞ୍ଚଳରେ ଲୁଟେରାଙ୍କ ଆତଙ୍କ ବଢିଚାଲିଥିବାରୁ ପୋଲିସ ପାଟ୍ରୋଲିଂ କଡାକଡି କରାଯିବା ସହ ଅନୁଗୋଳ ଏସ୍‌ପି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ବଇଣ୍ଡା ଗ୍ରାମବାସୀ ଦାବି କରିଛନ୍ତି।

## ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଥାନା ଘେରାଉ

ବଇଣ୍ଡା, ୨୦।୩(ଡି.ଏନ.ଏ.)




ଗ୍ରାମବାସୀ ହଣ୍ଡପା ଥାନା ଘେରାଉ କରିଛନ୍ତି।

କିଶୋରନଗର ବ୍ଲକ ହଣ୍ଡପା ଥାନା ହଣ୍ଡପା ଗ୍ରାମର ବିଭୂତି ଭୂଷଣ ସାହୁ ଓ ସ୍ତ୍ରୀ ଝିଲି ସାହୁଙ୍କୁ ସେହି ଗ୍ରାମର ପ୍ରମୋଦ ବେହେରା, ପ୍ରଫୁଲ୍ଲ ବେହେରା, ରାଜା ବେହେରା ମଙ୍ଗଳବାର ସନ୍ଧ୍ୟାରେ ମାଡ଼ ମାରିଥିବା ବିଭୂତି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏ ସଂକ୍ରାନ୍ତରେ ନଂ. ୪୨/୧୯ ଓ ୪୩/୧୯ରେ ମାମଲା ରୁଜୁ କରିଥିଲେ ହେଁ ଏ ପର୍ଯ୍ୟନ୍ତ ଅଭିଯୁକ୍ତଙ୍କୁ ଗିରଫ କରି ନ ଥିବାରୁ ଗ୍ରାମରେ ଉତ୍ତେଜନା ଦେଖାଦେଇଛି। ତୁରନ୍ତ ଅଭିଯୁକ୍ତଙ୍କୁ ଗିରଫ ଦାବିରେ ବୁଧବାର ଅପରାହ୍ନ ୩ଟାରୁ ୬ଟା ପର୍ଯ୍ୟନ୍ତ ଗ୍ରାମବାସୀ ହଣ୍ଡପା ଥାନା ଘେରାଉ କରିଛନ୍ତି।

ଅଭିଯୋଗ ମୁତାବକ, ବିଭୂତି ଏକ ଅଟୋରେ ଘରକୁ ଯାଉଥିବାବେଳେ ପ୍ରମୋଦ, ପ୍ରଫୁଲ୍ଲ, ରାଜା ଏକ ସ୍କୁଟିରେ ତାଙ୍କୁ ସାଇଡ ମାରିଥିଲେ। ଏହାକୁ ନେଇ ସେମାନଙ୍କ ମଧ୍ୟରେ ବଚସା ହୋଇଥିଲା। ପରେ ବିଭୂତି ଘରକୁ ପଳାଇଥିଲେ ମଧ ପ୍ରମୋଦ, ପ୍ରଫୁଲ୍ଲ ଓ ରାଜା ଯାଇ ତାଙ୍କୁ ଘର ବାହାରକୁ ଡାକି ମାଡ଼ କାରିଥିଲେ। ଝିଲି ପ୍ରତିବାଦ କରିବାରୁ ତାଙ୍କୁ ମଧ ମାଡ଼ ମରାଯାଇଥିବା ଅଭିଯୋଗ ହୋଇଥିଲା। ଏହା ସତ୍ତ୍ୱେ ପୋଲିସ ସେମାନଙ୍କୁ ଗିରଫ ନ କରିବାରୁ ଲୋକେ ଥାନା ଘେରାଉ କରିଥିଲେ। ୭ ଦିନ ମଧ୍ୟରେ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ପୋଲିସ ପ୍ରତିଶ୍ରୁତି ଦେବାପରେ ପରିସ୍ଥିତି ଶାନ୍ତ ପଡିଥିଲା। ତୁରନ୍ତ ସେମାନଙ୍କୁ ଗିରଫ କରା ନ ଗଲେ ଆନ୍ଦୋଳନ କରାଯିବ ବୋଲି ଗ୍ରାମ ସଭାପତି ଅରୁଣ ପ୍ରଧାନ, ସମ୍ପାଦକ ସଂସ୍କାର ସ୍ୱାଇଁ, ସହସମ୍ପାଦକ ଅଜୟ ମାଝି, ସରପଞ୍ଚ ଅମିୟ ପ୍ରଧାନ, ପୂର୍ବତନ ଜିଲାପରିଷଦ ସଦସ୍ୟ ଅଜୟ କୁମାର ପ୍ରଧାନ, ଧରଣୀଧର ରାଉତ, ଅର୍ଜୁନ ସ୍ୱାଇଁ, ଦିବ୍ୟରଞ୍ଜନ ପ୍ରଧାନଙ୍କ ସହ ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ହଣ୍ଡପା ଆଇଆଇସି ଲବ ବୋଡା କହିଛନ୍ତି, ଅଭିଯୁକ୍ତଙ୍କୁ ଗିରଫ ପାଇଁ ପୋଲିସ ପକ୍ଷରୁ ଚଢ଼ାଉ କରାଯାଉଛି।

## ଭାଜପା ନୂତନ ଅଫିସ ଉଦ୍‌ଘାଟିତ

ତାଳଚେର, ୨୦।୩(ନି.ପ୍ର.)

ତାଳଚେର ପୌରାଞ୍ଚଳ ଫାଷ୍ଟଗେଟ୍ ନିକଟରେ ଭାଜପାର ନୂତନ କାର୍ଯ୍ୟାଳୟକୁ ପ୍ରାକ୍ତନ କେନ୍ଦ୍ରମନ୍ତ୍ରୀ ଡ. ଦେବେନ୍ଦ୍ର ପ୍ରଧାନ ବୁଧବାର ଉଦ୍‌ଘାଟନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଦଳର ରାଜ୍ୟ ସମ୍ପାଦକ କାଳନ୍ଦୀ ସାମଲ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ତାଳଚେର ବିଧାନସଭା ପ୍ରଭାରୀ ଡିଲେଶ୍ୱର ପ୍ରଧାନ, ଜିଲା ସାଧାରଣ ସମ୍ପାଦକ ପ୍ରକାଶ ମହାରଣା, ଜିଲା ଉପସଭାପତି ପେସ୍କାର ଗଡ଼ନାୟକ, ମଣ୍ଡଳ ସଭାପତି ଯଶୋବନ୍ତ ଦାସ, ମିଡିଆ ସେଲ ପ୍ରଭାରୀ ପର୍ଶୁରାମ ବାରିକ, ଜ୍ୟୋସ୍ନା ଦଳେଇ, ସୁଫଳା ପୃଷ୍ଟି, ଜୟନ୍ତ ଭୂତିଆ, ଜିତେନ୍ଦ୍ର ଦାସଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ସାମିଲ ହୋଇଥିଲେ। ଉକ୍ତ କାର୍ଯ୍ୟକ୍ରମ ଅବସରରେ କାର୍ଯ୍ୟାଳୟରେ ବିଶ୍ୱ ପଖାଳ ଦିବସ ପାଳନ କରାଯାଇଥିଲା। ଭାଜପା ଯୁବମୋର୍ଚ୍ଚା ସଭାପତି ସୁବ୍ରତ ସାହୁଙ୍କ ତତ୍ତ୍ୱାବଧାନରେ ପାଳିତ ଏହି ଦିବସରେ ଅଭିଷେକ ମହାନ୍ତି, ଆଶୁତୋଷ ମହାନ୍ତି, ବାଦଲ ମହାପାତ୍ର, ରାଜେଶ ଦଳେଇ, ବିଶ୍ୱରଞ୍ଜନ ତୁଙ୍ଗ, ଶାନ୍ତନୁ ବେହେରା, ପୂର୍ଣ୍ଣଚନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସମସ୍ୟା ସମାଧାନ ନ ହେଲେ ଆନ୍ଦୋଳନ




ବୈଠକରେ ଯୋଗଦେଇଥିବା ସଙ୍ଗଠନର ସଦସ୍ୟାସଦସ୍ୟମାନେ।

ତାଳଚେର, ୨୦।୩(ନି.ପ୍ର.)

ଓଡ଼ିଶା କଲିୟାରିଜ ମଜଦୁର ସଂଘ ଆଇଏନ୍‌ଟିୟୁସି ଏବଂ ୟୁଥ୍ ଆଇଏନ୍‌ଟିୟୁସିର ଏକ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ୟୁଥ୍ ଆଇଏନ୍‌ଟିୟୁସି ସଭାପତି ଛବୀନ୍ଦ୍ର ବେହେରା ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ସାଧାରଣ ସମ୍ପାଦକ ସୌଭାଗ୍ୟ ଚନ୍ଦ୍ର ପ୍ରଧାନ ଯୋଗଦେଇ ଶ୍ରମିକମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଯଦି ଆଲୋଚନା ମାଧ୍ୟମରେ ସମାଧାନ ନ ହୁଏ ତା'ହେଲେ ଆନ୍ଦୋଳନାତ୍ମକପନ୍ଥା ଅବଲମ୍ବନ କରିବାକୁ ସେ ଆହ୍ୱାନ ଦେଇଥିଲେ। ଆଇଏନଟିୟୁସି ମହିଳା ସଭାପତି ମଞ୍ଜୁଲତା ସାମନ୍ତ, ସମ୍ପାଦକ କବିତା ନାୟକ ସଭ୍ୟାସଭ୍ୟ ସଂଖ୍ୟା ବୃଦ୍ଧି ଉପରେ ଗୁରୁତ୍ୱାରୋପ କରିଥିଲେ। ବିଜୟ ଦାସ, ବୈକୁଣ୍ଠ ସାହୁ, ରାଧାଗୋବିନ୍ଦ ମାହାନ୍ତି, ପ୍ରବୀର ସେଠୀ, ରଣଜିତ ସାମଲ, ସୁଜାତା ଦେହୁରୀ, ସଙ୍ଗୀତା ପ୍ରଧାନ, ଅନୁପମା ଖଣ୍ଡୁଆଳଙ୍କ ସମେତ ବହୁ ସଦସ୍ୟ ଯୋଗ ଦେଇଥିଲେ।

## ଘରଚଟିଆ ଚାଷୀର ସାଥୀ

ଅନୁଗୋଳ ଅଫିସ, ୨୦।୩

କ୍ଷୁଦ୍ର ପକ୍ଷୀଟିଏ ହେଲେ ମଧ ପରିବେଶ ଓ ଜୀବଜଗତ ସନ୍ତୁଳନରେ ଘରଚଟିଆର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏହା ପ୍ରାକୃତିକ ଉପାୟରେ କୃଷି କ୍ଷେତ୍ରରେ ରୋଗପୋକ ଦମନ ଓ ନିୟନ୍ତ୍ରଣରେ ସହାୟତା କରି ଚାଷୀର ସାଥୀଟିଏ ହୋଇଥାଏ। ହେଲେ ପକ୍କା ଘର ସହ ଫସଲ ନିୟନ୍ତ୍ରଣ ପାଇଁ ବିଷାକ୍ତ କୀଟନାଶକ ପ୍ରୟୋଗ ପ୍ରଭାବରେ ଏମାନଙ୍କ ସଂଖ୍ୟା ଅତି ନୈରାଶ୍ୟ ହେବାରେ ଲାଗିଛି। ଏହାର ସୁରକ୍ଷା ପାଇଁ ସଚେତନତା ହିଁ ଏକ ମାତ୍ର ଉପାୟ ବୋଲି କାଉଁଶିତଇଳା ଠାରେ ଅନୁଷ୍ଠିତ ବିଶ୍ୱ ଘରଚଟିଆ ଦିବସ ଅବସରରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ପ୍ରକୃତି ପରିବେଶ ଓ ବନ୍ୟଜୀବନ ସମିତି ଏବଂ କାଉଁଶିତଇଳା ବନ ସୁରକ୍ଷା ସମିତିର ମିଳିତ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବିଜୟ କୁମାର ଜେନା ଅଧ୍ୟକ୍ଷତା କରିଥିବାବେଳେ ସାମାଜିକ କର୍ମୀ ଅମର କୁମାର ଦାସ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସୁବ୍ରତ କୁମାର ପ୍ରଧାନ, ସୁବର୍ଣ୍ଣ ଦେହୁରୀ, ଶ୍ରୀଧର ଦେହୁରୀ, ଧ୍ରୁବଚରଣ ଦେହୁରୀ ଓ ସିଦ୍ଧାର୍ଥ ପ୍ରଧାନ ଅତିଥି ଭାବେ ଯୋଗଦେଇଥିଲେ। ସଂଗ୍ରାମ ଦେହୁରୀ, ଗୁଣନିଧି ସାହୁ, ପ୍ରିୟବ୍ରତ ବେହେରା ସହଯୋଗ କରିଥିଲେ। ଲିଙ୍ଗରାଜ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

■ପ୍ରଚାରରେ ସୀମିତ ବର୍ଜ୍ୟବସ୍ତୁ ପରିଚାଳନା

## ରଖାଯାଉନି ନାଲି, କଳା ରଙ୍ଗର ଡଷ୍ଟବିନ୍



ଅନୁଗୋଳ ଅଫିସ, ୨୦।୩

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତା ନେଇ ପୁଣି ଅଭିଯୋଗ ଆଣିଛନ୍ତି ରୋଗୀ ଓ ସେମାନଙ୍କ ସମ୍ପର୍କୀୟ। ବର୍ଜ୍ୟବସ୍ତୁ ପରିଚାଳନା ନିୟମ ଠିକ୍ ଭାବେ ପାଳନ କରାଯାଉ ନ ଥିବା ସେମାନେ ଅଭିଯୋଗ କରିଛନ୍ତି। ୪୦୦ ଶଯ୍ୟା ବିଶିଷ୍ଟ ଏହି ମେଡିକାଲର ବିଭିନ୍ନ ୱାର୍ଡରେ କେଉଁ ବର୍ଜ୍ୟବସ୍ତୁ କେଉଁ ରଙ୍ଗର ଡଷ୍ଟବିନ୍‌ରେ ପକାଯିବ ସେ ନେଇ ସଚେତନତା ଉଦ୍ଦେଶ୍ୟରେ କାନ୍ଥରେ ପୋଷ୍ଟରମାନ ଲଗାଯାଇଛି। କିନ୍ତୁ ସେପରି ଡଷ୍ଟବିନ ୱାର୍ଡଗୁଡ଼ିକରେ ରଖାଯାଉ ନାହିଁ। ତେଣୁ ଏଣେତେଣେ ଅଳିଆ ପଡ଼ି ପରିବେଶ ଦୂଷିତ କରିବା ସହ ସଂକ୍ରମଣ ଭୟ ସୃଷ୍ଟି କରୁଥିବା ରୋଗୀମାନେ ଅଭିଯୋଗ କରିଛନ୍ତି।

ନିୟମ ଅନୁଯାୟୀ ପ୍ରତ୍ୟେକ ୱାର୍ଡରେ ନାଲି ଓ କଳା ରଙ୍ଗର ଡଷ୍ଟବିନ୍ ରହିବା କଥା। ନାଲି ରଙ୍ଗର ଡଷ୍ଟବିନ୍‌ରେ ଧାରୁଆ ଓ ତୀକ୍ଷ୍ଣ ବସ୍ତୁ ଏବଂ କଳା ରଙ୍ଗରେ ଅନ୍ୟ ବର୍ଜ୍ୟବସ୍ତୁ ପକାଯିବା କଥା। କିନ୍ତୁ ଏପରି ରଙ୍ଗର ଡଷ୍ଟବିନ୍ ୱାର୍ଡଗୁଡ଼ିକରେ ଦେଖିବାକୁ ମିଳୁନାହିଁ। ଫଳରେ ଅଳିଆ ପକାଇବାକୁ ରୋଗୀଙ୍କ ସମ୍ପର୍କୀୟମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରଖାଯାଇଥିବା ଅନ୍ୟ ଡଷ୍ଟବିନଗୁଡ଼ିକରେ ସେମାନେ ସବୁପ୍ରକାର ବର୍ଜ୍ୟ ପକାଇବାକୁ ବାଧ ହେଉଛନ୍ତି। ଅନେକ ସମୟରେ ଡଷ୍ଟବିନ ଅଭାବରୁ ଏତେତେଣେ ଆବର୍ଜନା ପଡୁଛି। ଏହା ୱାର୍ଡର ପରିବେଶକୁ ପ୍ରଦୂଷିତ କରୁଛି। ଏଥିଯୋଗୁ ରୋଗୀଙ୍କ ପ୍ରତି ସଂକ୍ରମଣ ଆଶଙ୍କା ବଢ଼ିଯାଉଛି। ବର୍ଜ୍ୟବସ୍ତୁ ପରିଚାଳନା ନିୟମର ଏହା ଖୋଲା ଉଲ୍ଲଂଘନ ହୋଇଥିଲେ ବି କର୍ତ୍ତୃପକ୍ଷ କେବଳ କାନ୍ଥରେ ସଚେତନତା ପୋଷ୍ଟର ମାରି କାମ ସାରିଦେଉଥିବା କେତେଜଣ ରୋଗୀଙ୍କ ସମ୍ପର୍କୀୟ କହିଛନ୍ତି। ଏ ନେଇ ଏଡିଏମ୍‌ଓ ମେଡିକାଲ ଲକ୍ଷ୍ମୀଧର ବିଶୋଇଙ୍କ ସହ ଯୋଗାଯୋଗ କରାଯାଇଥିଲା। ସେ କହିଛନ୍ତି, ମେଡିକାଲରେ ବର୍ଜ୍ୟବସ୍ତୁ ପରିଚାଳନା ଏବେ ଠିକ୍‌ଠାକ୍ ଚାଲିଛି। ନିକଟ ଅତୀତରେ ବାୟୋ ବର୍ଜ୍ୟବସ୍ତୁ ପରିଚାଳନା ଠିକ୍ ହେଉ ନ ଥିବା ନେଇ 'ଧରିତ୍ରୀ'ର ଖବର ଉପରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ମେଡିକାଲ କର୍ତ୍ତୃପକ୍ଷଙ୍କୁ ନୋଟିସ ଦିଆଯାଇଥିଲା। ଏହାପରଠାରୁ ବର୍ଜ୍ୟ ପରିଚାଳନା ଦିଗରେ କର୍ତ୍ତୃପକ୍ଷ ଆବଶ୍ୟକ ଦୃଷ୍ଟି ଦେଉଛନ୍ତି ବୋଲି ଏଡିଏମ୍‌ଓ ପ୍ରକାଶ କରିଛନ୍ତି।

# ଚୋରି ଟ୍ରକ୍ ବ୍ରହ୍ମଗିରିରୁ ଉଦ୍ଧାର

**ତାଳଚେର,୨୦।୩(ନି.ପ୍ର.)**

ତାଳଚେର ବ୍ଲକ ଚାଇଁପାଳ ଗ୍ରାମ ନିକଟରୁ ଚୋରି ହୋଇଥିବା ଏକ ଟ୍ରକ୍‌କୁ ତାଳଚେର ପୋଲିସ ପୁରୀ ଜିଲା ବ୍ରହ୍ମଗିରି ଅଞ୍ଚଳରୁ ଉଦ୍ଧାର କରିଛି। ପୋଲିସ କହିଛି, ସୋମବାର ରାତିରେ ରେମୁଆଁର ଦେବାର୍ଜ୍ଜନ ସାହୁଙ୍କ ଟ୍ରକ୍ (ନଂ. ଓଆର୧୯ଏଫ-୨୨୨୩) ଚୋରି ହୋଇଥିବା ତାଳଚେର ଥାନାରେ ଅଭିଯୋଗ ହୋଇଥିଲା। ଅନନ୍ତ କୋଇଲା ଖଣିରୁ କୋଇଲା ବୋଝେଇ ପରେ ଚାଳକ ପ୍ରତାପ ବେହେରା ଚାଇଁପାଳ ଗ୍ରାମ ନିକଟ ଜାତୀୟ ରାଜପଥ ଉପରେ ଗାଡି ରଖି ଶୋଇଥିବାବେଳେ ୩/୪ଜଣ ଦୁର୍ବୃତ୍ତ ତାଙ୍କୁ ମାଡ଼ ମାରି ଗାଡ଼ି ନେଇ ପଳାଇଥିଲେ। ପୋଲିସ ୮୩/୧୯ରେ ମାମଲା ରୁଜୁ କରିଥିଲା। ବ୍ରହ୍ମଗିରି ଥାନା ସାରୁ ଗାଁ ନିକଟ ବିପିସିଏଲ ପେଟ୍ରୋଲ ପମ୍ପ ନିକଟରୁ ଚୋରି ଟ୍ରକ୍‌କୁ ପୋଲିସ ଉଦ୍ଧାର କରିଛି। କୋଇଲାକୁ ଦୁର୍ବୃତ୍ତମାନେ ବିକ୍ରି କରି ଦେଇଥିବା ଜଣାପଡ଼ିଛି।




# ଗାଡ଼ି ଜବତ, ୧୦ ଗୋରୁ ଉଦ୍ଧାର

**ବଅଁରପାଳ, ୨୦।୩ (ଡି.ଏନ୍.ଏ.)**

ବଅଁରପାଳ ଥାନା ୫୫ ନମ୍ବର ଜାତୀୟ ରାଜପଥର କଲେଜ ଛକ ନିକଟରୁ ମଙ୍ଗଳବାର ବିଳମ୍ବିତ ରାତିରେ ସ୍ଥାନୀୟ ଲୋକେ ଓ ଗୋମଙ୍ଗଳ ଅଧିକାରୀ ଏକ ଗୋରୁ ବୋଝେଇ ପିକଅପ୍ ଭ୍ୟାନ ଅଟକାଇ ପୋଲିସକୁ ହସ୍ତାନ୍ତର କରିଥିଲେ। ଗଡ଼ସନ୍ତ୍ରୀ ଅଞ୍ଚଳରୁ ଏହି ପିକ୍‌ଅପ୍ ଭ୍ୟାନ (ନଂ. ଓଡି୦୫ଏଡି-୬୫୬୦) ଯୋଗେ ଗୋରୁଙ୍କୁ ନରସିଂହପୁର ଅଞ୍ଚଳକୁ ନିଆଯାଉଥିବାବେଳେ କଲେଜ ଛକ ଠାରେ ଲୋକେ ଗାଡ଼ିକୁ ଅଟକ ରଖିଥିଲେ। ପୋଲିସ ଗାଡ଼ି ଜବତ କରିବା ସହ ନରସିଂହପୁର ଅଞ୍ଚଳର ପ୍ରଫୁଲ୍ଲ ସ୍ୱାଇଁଙ୍କୁ ଗିରଫ କରିଛି। ଏ ନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି। ଉଦ୍ଧାର ଗୋରୁଙ୍କୁ ଗୋଶାଳାକୁ ପଠାଇ ଦିଆଯାଇଛି।

# ଦଣ୍ଡଯାତ୍ରା ପ୍ରସ୍ତୁତି ବୈଠକ

**ଛେଣ୍ଡିପଦା, ୨୦।୩ (ଡି.ଏନ.ଏ.)**

ଛେଣ୍ଡିପଦା ବ୍ଲକ ଦୁର୍ଗାପୁରସ୍ଥିତ ମା' ଦକ୍ଷିଣକାଳୀ ଦଣ୍ଡନୃତ୍ୟ ନାଟ୍ୟ ଅନୁଷ୍ଠାନ ପକ୍ଷରୁ ଏପ୍ରିଲ ୧ ରୁ ୧୪ ପର୍ଯ୍ୟନ୍ତ ପାଳନ ହେବାକୁ ଥିବା ବାର୍ଷିକ ଦଣ୍ଡଯାତ୍ରା ସମ୍ପର୍କରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ସଭ୍ୟ ବିନୋଦ କୁମାର ସାହୁଙ୍କ ଆହ୍ୱାନ କ୍ରମେ ଆୟୋଜିତ ଏହି ବୈଠକରେ ଦଣ୍ଡନୃତ୍ୟ, ଧୂଳି ଦଣ୍ଡ, ପାଣି ଦଣ୍ଡ ଆଦି ନିୟମାନୁଯାୟୀ ପରିବେଷଣ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଏଥିସହ ଏହି ନାଟ୍ୟ ଅନୁଷ୍ଠାନର ଅନ୍ୟାନ୍ୟ ଆନୁଷଙ୍ଗିକ ଅଭାବ ଅସୁବିଧା ସହିତ ଆୟବ୍ୟୟ ଉପରେ ଆଲୋଚନା କରାଯାଇଥିଲା। ବିଶେଷକରି ରାଜ୍ୟ ସରକାରଙ୍କ କଳା ଓ ସଂସ୍କୃତି ବିଭାଗ ପକ୍ଷରୁ ନିୟୋଜିତ କଳାକାରମାନଙ୍କ ଅଭାବ ଅସୁବିଧା ଉପରେ ଗୁରୁତ୍ୱ ଦେବା ପାଇଁ ଅନୁରୋଧ କରାଯାଇଥିଲା। ବଟକୃଷ୍ଣ ଦେହୁରୀ, ବଶିଷ୍ଠ ଦେହୁରୀ, ଲୋଚନ ବେହେରା, ବୁଦ୍ଧଦେବ ଶତପଥୀ, ରତ୍ନାକର ସାହୁ, ପ୍ରମୋଦ ସାହୁ, କୁମୁଦ ସାହୁ, ଗଙ୍ଗାଧର ସାହୁ, କୃଷ୍ଣଚନ୍ଦ୍ର ବେହେରା, ଜଗନ୍ନାଥ ପଧାନ, ବିକଳ ସାହୁ, ନିର୍ମଳ ସାହୁ, ହିମାଂଶୁ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।




